## ସଂକ୍ଷେପରେ

### ପିସିଆର୍ ଭ୍ୟାନ୍ ଭଙ୍ଗାରୁଜା, ଜଣେ ଗିରଫ

**ଢେଙ୍କାନାଳ ଅଫିସ, ୧୨।୪:** ଢେଙ୍କାନାଳ ସହର ମାଣ୍ଡପା ସାହି ଅଞ୍ଚଳରେ ମଙ୍ଗଳବାର ରାତିରେ ଟାଉନ ଥାନା ପୋଲିସର ଏକ ପିସିଆର୍ ଭ୍ୟାନ୍‌କୁ ଭଙ୍ଗାରୁଜା କରିଥିବା ଅଭିଯୋଗରେ ଜ୍ୟୋତିପ୍ରକାଶ ସାହୁ ନାମକ ଜଣେ ଯୁବକ ଗିରଫ ହୋଇଛନ୍ତି। ଜ୍ୟୋତିପ୍ରକାଶ ଦ୍ରୁତଗତିରେ ଗାଡ଼ି ଚଳାଉଥିବାରୁ ପୋଲିସ ତାଙ୍କୁ ଅଟକାଇଥିଲା। ଏହାପରେ ପୋଲିସ କର୍ମଚାରୀଙ୍କ ସହ ତାଙ୍କର ବଚସା ହୋଇଥିଲା। ଜ୍ୟୋତିପ୍ରକାଶଙ୍କୁ ପୋଲିସ ଥାନାକୁ ନେବା ଲାଗି ଉଦ୍ୟମ କରୁଥିବାବେଳେ ସେ ପିସିଆର୍ ଗାଡ଼ି ଭଙ୍ଗାରୁଜା କରିଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

### ଧରାପଡ଼ିଲେ ୨ ଶିକାରୀ

**ଢେଙ୍କାନାଳ ଅଫିସ, ୧୨।୪:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡ଼ଙ୍ଗୀ ରେଞ୍ଜ୍ ଅଧୀନ ବାଉଁଶବେରେଣୀ ସାହିରେ ବନ୍ୟପ୍ରାଣୀ ଶିକାର କରି ମାଂସ ବିକ୍ରି କରୁଥିବାବେଳେ ବୁଧବାର ବନ କର୍ମଚାରୀ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଲକ୍ଷ୍ମୀଧର ମୁଣ୍ଡା (୬୫) ଓ କାହ୍ନୁ ମୁଣ୍ଡା (୫୫)। ସେମାନଙ୍କ ନିକଟରୁ ୨ ଦେଶୀ ବନ୍ଧୁକ, ବାର୍‌ହା ମାଂସ ଜବତ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ୨ ଦୋକାନ ଜଳିଗଲା



**ଢେଙ୍କାନାଳ ଅଫିସ, ୧୨।୪** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ବୁଧବାର ଅଗ୍ନିକାଣ୍ଡ ଘଟି ୨ ଦୋକାନ ଜଳିଯାଇଛି। ନିକଟରେ ଥିବା ଅନ୍ୟ କେତେକ ବ୍ୟବସାୟିକ ପ୍ରତିଷ୍ଠାନରେ ମଧ କ୍ଷୟକ୍ଷତି ହୋଇଛି। ଢେଙ୍କାନାଳ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରସନ୍ନ କୁମାର ରାଉତ, ଚନ୍ଦନ ବାରିକ, ରଶ୍ମିରଞ୍ଜନ ବାରିକଙ୍କ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଅଗ୍ନିଶମ ବିଭାଗ ତଦନ୍ତ ଜାରି ରହିଛି।

# ଉପଶମ ହେଉଛି ଉପାନ୍ତ କ୍ଷତ

- ମୁଖ୍ୟସ୍ରୋତରେ ଯୋଡ଼ିହେଲେଣି ୩୮ ଅପହଞ୍ଚ ଅଞ୍ଚଳ
- ପୋଷ୍ୟ ଗ୍ରାମ ଗ୍ରହଣ ପରେ ତ୍ୱରାନ୍ୱିତ ହୋଇଛି ବିକାଶ



ବଣଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳକୁ ଫିଟୁଛି ବାଟ। କେବଳ ଗମନାଗମନ ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ଅତ୍ୟାବଶ୍ୟକ ମୌଳିକ ସୁବିଧା ଏବେ ମିଳିଲାଣି ହାତପାହାନ୍ତାରେ। ଶିଳ୍ପ ଜିଲା ଢେଙ୍କାନାଳର ଅପହଞ୍ଚ ଇଲାକାରେ ରହୁଥିବା ବନବାସୀ, ଦଳିତ ପରିବାର ସ୍ୱାଧୀନତାର ସ୍ୱାଦ ଚାଖୁଥିବାବେଳେ ଧୀରେ ଧୀରେ ଉପଶମ ହେବାରେ ଲାଗିଛି ଉପାନ୍ତ କ୍ଷତର ଯନ୍ତ୍ରଣା।

**ଢେଙ୍କାନାଳ ଅଫିସ୍, ୧୨।୪**

ଶିଳ୍ପରେ ସମୃଦ୍ଧ। ଅଥଚ ଅପହଞ୍ଚ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶାର ଅନ୍ତ ହେଉ ନ ଥିଲା। କେତେବେଳେ ଭୋକର ଭୂଗୋଳ ତ ଆଉ କେବେ ଜନନୀ ଯନ୍ତ୍ରଣାର ଚିତ୍ର ଦୋହଲାଇ ଦେଉଥିଲା। ନା ନା ଯୋଜନା ସତ୍ତ୍ୱେ ବର୍ଷ ବର୍ଷ ଧରି ବଦଳୁ ନ ଥିଲା ଚିତ୍ର। କିନ୍ତୁ ପ୍ରଶାସନିକ ଅଧିକାରୀମାନେ ଚିହ୍ନଟ ଉପାନ୍ତ ଗ୍ରାମଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରିବା ପରେ ଏବେ ଉଜ୍ଜୀବିତ ହୋଇଛି ଆଶା। ଢେଙ୍କାନାଳର ୪୮ ଦୁର୍ଗମ ଗ୍ରାମ ମଧ୍ୟରୁ ୩୮ଟି ମୁଖ୍ୟସ୍ରୋତ ସହିତ ଯୋଡ଼ିହେଲାଣି। ଅବଶିଷ୍ଟ ୧୦ ଗ୍ରାମ ମଧ ଖୁବ୍‌ଶୀଘ୍ର ଏହି ପ୍ରକ୍ରିୟାରେ ସାମିଲ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି ଜିଲା ପ୍ରଶାସନ।

ରାଜ୍ୟରେ କୌଣସି ଅଞ୍ଚଳ ଅପହଞ୍ଚ ରହିବ ନାହିଁ। ରାଜ୍ୟ ସରକାରଙ୍କ ଏଭଳି ନିର୍ଦ୍ଦେଶ ପରେ ପ୍ରାୟ ଦେଢ଼ ବର୍ଷ ତଳେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଦୁର୍ଗମ ଅଞ୍ଚଳକୁ ମୁଖ୍ୟସ୍ରୋତରେ ଯୋଡ଼ିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ନିୟମିତ କ୍ଷେତ୍ର ପରିଦର୍ଶନ ଓ ବିକାଶମୂଳକ କାର୍ଯ୍ୟକ୍ରମର ସମୀକ୍ଷା ପରେ ଜିଲାର ୮ ବ୍ଲକରେ ଚିହ୍ନଟ ୪୮ ଦୁର୍ଗମ ଗ୍ରାମର ଚିତ୍ର ବଦଳିବାରେ ଲାଗିଛି। ତନ୍ମଧ୍ୟରୁ ୩୮ଟି ଗ୍ରାମରେ ସରକାରଙ୍କ ଜନହିତକର ଯୋଜନା ପହଞ୍ଚିଛି। ଅବଶିଷ୍ଟ ୧୦ ଗ୍ରାମ ଏବେ ପ୍ରଶାସନର ଫୋକସ୍‌ରେ ରହିଛି।

ଢେଙ୍କାନାଳ ସଦର ବ୍ଲକର କରଡ଼ମଡ଼ା, ବଲାଙ୍ଗୀପାଟଣା, ଫୁଲଝରିସାହି, କୁସୁପଦା, ଖୋଲସାହି, ଗଁଦିଆ ବ୍ଲକର ଜାମୁନାଳିଆ, ଦଧିଖିଆ, ଧାମଘରଖୋଲା, କୋହ୍ଲା, ଓଡ଼ାପଡ଼ା ବ୍ଲକର ଲକ୍ଷ୍ମୀକାନ୍ତପୁର, ଦଲକ, ତାମଣ୍ଡା, ବଡ଼ନଡ଼ବ, ସାନନଡ଼ବ, ଖଇରାସାହି, ଜରିପାଳ, ହିନ୍ଦୋଳ ବ୍ଲକର ଗୁରୁଜାଙ୍ଗ, କନକା, ରଜାଙ୍ଗ, ଦେଉଳସାହି, ଗୁଣ୍ଡିଚାନାଳୀ, ମାଝିସାହି, ଜୁଆଙ୍ଗସାହି, ନୂଆସାହି, ଦେହୁରୀନାଳି, କାମାକ୍ଷାନଗର ବ୍ଲକର କିଆପାଟଣି, ମହୁଲଟାଙ୍ଗର, ଜଳସା, କଟା ହରିଜନସାହି, ସୁନାଝରି, ତୁଳିଆମୁଣ୍ଡାସାହି, ପରଜଙ୍ଗ ବ୍ଲକର ରଘୁଆବିଲି, କାଦବସନ୍ତ, ରଙ୍ଗମାଟିଆ, ବରକଟା, ଅଲେଖପାଟଣା, ବେଲବସନ୍ତ, ସୋଲଗାଡ଼ିଆ, କଙ୍କଡ଼ାହାଡ଼ ବ୍ଲକ ପାକଟମୁଣ୍ଡା, ବାଜିଆସାହି, ଏକୁଲ-ସେକୁଲ, ପୁଞ୍ଚିପାଳ, ଓମେନ୍ଦ୍ର, ଚକୁଳିଆଡିହ, ଫୁଲଝରି, କାଟେଣି (କାଉବସା), ଭୁବନ ବ୍ଲକର ଅରିଲୋ, ଦଧିସିଙ୍ଗା, ଛାଟିଆସାହି, ଥୋରିଆକ୍ଷେଣ୍ଡ, ନୃସିଂହପୁର, କରଡ଼ାପାଳ, ସର୍ପେଣିକୁ ଉପାନ୍ତ ଗ୍ରାମ ତାଲିକାଭୁକ୍ତ କରାଯାଇଛି।

ବଣଜଙ୍ଗଲଘେରା ଦୁର୍ଗମ ସ୍ଥାନରେ ଥିବାରୁ ଏସବୁ ଗ୍ରାମକୁ ଯିବାକୁ ସବୁଦିନିଆ ରାସ୍ତା ନ ଥିଲା। ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ ସମେତ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ପହଞ୍ଚି ପାରୁ ନ ଥିବାରୁ ବନବାସୀ ଏବଂ ପଛୁଆ ବର୍ଗର ବହୁ ପରିବାର ମୁଖ୍ୟସ୍ରୋତରେ ସାମିଲ ହୋଇପାରୁ ନ ଥିଲେ। ତେବେ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ବ୍ଲକର ବିଡିଓଙ୍କ ସମେତ ପଦସ୍ଥ ପ୍ରଶାସନିକ ଅଧିକାରୀମାନେ ଗୋଟିଏ ଗୋଟିଏ ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ନିୟମିତ ଉକ୍ତ ଗ୍ରାମ ପରିଦର୍ଶନ କରି ଲୋକଙ୍କ ପ୍ରକୃତ ସମସ୍ୟା ପଚାରି ବୁଝିବା ସହ ସେଗୁଡ଼ିକର ସମାଧାନ କରିବା ଲାଗି ଉଦ୍ୟମ ଆରମ୍ଭ କରିଥିଲେ। ଫଳରେ ଦେଢ଼ ବର୍ଷରେ ୩୮ ଗ୍ରାମକୁ ବିଜୁଳି ସଂଯୋଗ ଦିଆଯାଇଛି। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ଆଖିଦୃଶିଆ ବିକାଶ ହୋଇଛି। ହିତାଧିକାରୀଙ୍କୁ ସୁବିଧାରେ ପିଡିଏସ୍ ସାମଗ୍ରୀ ଯୋଗାଣ କରାଯାଉଛି। ସ୍ୱତନ୍ତ୍ର ଶିବିର କରି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ମାଧ୍ୟମରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି।

## ଏବେ ଫୋକସ୍‌ରେ ୧୦ ଗ୍ରାମ

୪୮ ଉପାନ୍ତ ଗ୍ରାମ ମଧ୍ୟରୁ ୩୮ଟି ମୁଖ୍ୟସ୍ରୋତରେ ସାମିଲ ହୋଇଥିବାବେଳେ ଏବେ ଅବଶିଷ୍ଟ ୧୦ ଗ୍ରାମକୁ ଫୋକସ୍ କରିଛି ଜିଲା ପ୍ରଶାସନ। ତନ୍ମଧ୍ୟରେ ରହିଛି ସଦର ବ୍ଲକର କୁଶୁପଦା, ପରଜଙ୍ଗ ବ୍ଲକର ରଙ୍ଗମାଟିଆ, ବରକଟା, ଓଡ଼ାପଡ଼ା ବ୍ଲକର ଖଇରାସାହି, ଜରିପାଳ, କଙ୍କଡ଼ାହାଡ଼ ବ୍ଲକର ପାକଟମୁଣ୍ଡା, ପୁଞ୍ଚିପାଳ, ଓମେନ୍ଦ୍ର ଏବଂ କାଟେଣି (କାଉବସା)। ଏସବୁ ଗ୍ରାମରେ ଖୁବ୍‌ଶୀଘ୍ର ଉନ୍ନତମାନର ସଡ଼କ ନିର୍ମାଣ କରାଯିବ। ପାଇପ ପାଣି ଯୋଗାଣ ବ୍ୟବସ୍ଥା ହେବ। ଅଞ୍ଚଳବାସୀ ଯେପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଏହାକୁ ବାଦ୍‌ଦେଲେ ଶିକ୍ଷା, ସ୍ୱାସ୍ଥ୍ୟ, ଆଲୋକୀକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରଶାସନିକ ଅଧିକାରୀମାନେ ତୁହାକୁତୁହା ଗସ୍ତ କରି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

## ପୁଞ୍ଚିପାଳକୁ ରାସ୍ତା ମୁଖ୍ୟ ଚାଲେଞ୍ଜ

ଭୌଗୋଳିକ ସ୍ଥିତି ଢେଙ୍କାନାଳ ଜିଲାର ଆଦିବାସୀବହୁଳ କଙ୍କଡ଼ାହାଡ଼ ବ୍ଲକର ଏକୁଲ-ସେକୁଲ, କୋଟ ଏବଂ ପୁଞ୍ଚିପାଳର ବିକାଶରେ ଅନ୍ତରାୟ ସାଜିଛି। ବଣପାହାଡ଼ ଘେରା ଏହି ଦୁର୍ଗମ ଗ୍ରାମରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପ୍ରଶାସନ ପାଇଁ ଚାଲେଞ୍ଜ ପାଲଟିଛି। ତଥାପି ଏକୁଲ-ସେକୁଲ ଏବଂ କୋଟକୁ ସବୁଦିନିଆ ରାସ୍ତା, ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତେବେ ପୁଞ୍ଚିପାଳକୁ ରାସ୍ତା ଫିଟିପାରିନାହିଁ। କାରଣ ଉକ୍ତ ଗ୍ରାମକୁ ଯିବା ବାଟରେ ଏକ ବଡ଼ ନାଳ ପଡୁଛି। ସେଠାରେ ବନ ବିଭାଗ ପକ୍ଷରୁ ରାସ୍ତା ସହ ନାଳ ଉପରେ ବ୍ରିଜ୍ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏବେ ସେଠାକାର ଲୋକଙ୍କ ସ୍ୱାସ୍ଥ୍ୟକୁ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେଉଛି। ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଛୋଟ ପିଲାଙ୍କ ଶିକ୍ଷା ବ୍ୟବସ୍ଥା ହୋଇଛି। ଆସନ୍ତା ସପ୍ତାହରେ ଜିଲାପାଳଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।

# ୧୮୩ ବର୍ଷର ପରମ୍ପରା ଉଜ୍ଜୀବିତ

**ସରିଲା ଚିଉଲପୁରର ଐତିହାସିକ ଶ୍ରୀରାମଲୀଳା**

**ସାତମାଇଲ, ୧୨।୪(ଡି.ଏନ୍.ଏ.)**



ପୁରୁଣା ଶ୍ରୀକ୍ଷେତ୍ର ନାମରେ ପରିଚିତ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଚିଉଲପୁର ଗ୍ରାମରେ ୧୩ଦିନ ଧରି ଚାଲିଥିବା ଐତିହାସିକ ରାମଲୀଳା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୧୮୩ ବର୍ଷ ପୁରୁଣା ଇତିହାସକୁ ବହନ କରୁଥିବା ଏହି ପାରମ୍ପରିକ ମହୋତ୍ସବରେ ସ୍ଥାନୀୟ ଯୁବ କଳାକାରଙ୍କ ନିଖୁଣ ଅଭିନୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ବେଳେ ଉଜ୍ଜୀବିତ ହୋଇଥିଲା ପରମ୍ପରା। ୨ବର୍ଷ ହେଲା କରୋନା ମହାମାରୀ ପାଇଁ ଦର୍ଶକ ରାମଲୀଳା ଦର୍ଶନରୁ ବଞ୍ଚିତ ହୋଇଥିଲେ। ଚଳିତବର୍ଷ କଟକଣା ନ ଥିବାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଶ୍ରୀରାମ ନବମୀରେ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରଦ୍ଧାଳୁଙ୍କୁ ନେଇ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। କଳସ ସ୍ଥାପନ ପରେ ନବାହ୍ନ ପାରାୟଣ ଶୁଭାରମ୍ଭ ହୋଇଥିଲା। ଶ୍ରୀରାମଲୀଳା ମଣ୍ଡପରେ ପୁରାଣ ପାଠ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ବିଭିନ୍ନ ଦିବସରେ ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଜନ୍ମ, ସୀତା ସ୍ୱୟମ୍ବର, ରାମ ବନବାସ, ସୀତାଚୋରି, ବାଲୀ ବଧ, ଲଙ୍କାପୋଡ଼ି, ସେତୁବନ୍ଧ ପ୍ରତିଷ୍ଠା, କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ, ରାବଣ ବଧ ଓ ସୀତାଙ୍କ ଅଗ୍ନିପରୀକ୍ଷା ଆଦି ପୌରାଣିକ କଥାବସ୍ତୁକୁ ନେଇ ପରିବେଷଣ କରାଯାଇଥିବା ନାଟକ କଳାକାରଙ୍କ ଅଭିନୟରେ ଜୀବନ୍ତ ହୋଇ ଉଠିଥିଲା। ୧୧ ତାରିଖ ରାତିରେ ଲୀଳାନାଟ ଉଦ୍‌ଯାପିତ ହୋଇଥିବାବେଳେ ୧୨ ତାରିଖ ସକାଳେ ରାମ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ସାମୂହିକ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପରମେଶ୍ୱର ଯୁବକ ସଂଘ, ଶିବଶକ୍ତି ଯୁବକ ସଂଘ ଓ ଗ୍ରାମବାସୀ ମିଳିତ ଭାବେ ସହଯୋଗ କରିଥିଲେ।

ଆଧୁନିକତାର ପ୍ରଭାବରେ ପ୍ରାଚୀନ ପରମ୍ପରା ମଳିନ ପଡୁଥିବାବେଳେ ଚିଉଲପୁରରେ ରାମଲୀଳା ମହୋତ୍ସବକୁ ଯୁବପିଢ଼ି ବଞ୍ଚାଇ ରଖିଛନ୍ତି। ରାବଣ ଭୂମିକାରେ ଅଭିନୟ କରୁଥିବା ସୁଧୀର ପତି କୁହନ୍ତି, ବାପାଜେଜେ ଅମଳରୁ ରାମଲୀଳା ମହୋତ୍ସବ ଆଡମ୍ବର ସହକାରେ ହୋଇ ଆସୁଛି। ଅଞ୍ଚଳରେ ଭାଇଚାରା ସୃଷ୍ଟି କରିବାକୁ ଆମେ ସଂକଳ୍ପବଦ୍ଧ। ହନୁମାନ ଭୂମିକାରେ ଅଭିନୟ କରୁଥିବା ମକରା ମହାପାତ୍ର କୁହନ୍ତି, ଯାତ୍ରାରେ ଅଂଶଗ୍ରହଣ କରିବାର ଉତ୍ସାହ ଭାଷାରେ ପ୍ରକାଶ କରିବା ଅସମ୍ଭବ। ସୀତା ଭୂମିକାରେ ଅଭିନୟ କରିଥିବା ଆଶୁତୋଷ ପାଣିଗ୍ରାହୀ କୁହନ୍ତି, ଆଧୁନିକତା ପ୍ରଭାବରେ ମଳିନ ପଡ଼ିଥିବା ସଂସ୍କୃତିର ସଂରକ୍ଷଣ କରିବା ଆମର ଲକ୍ଷ୍ୟ।

## ଅପହରଣ ମାମଲା: ସହଯୋଗୀ ଗିରଫ

**ବଆଁରପାଳ, ୧୨।୪(ଡି.ଏନ.ଏ.)**

ଏକ ନାବାଳିକା (୧୪) ଅପହରଣ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଅନୁଗୋଳ ଜିଲା ବଆଁରପାଳ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଅନୁଗୋଳ ସଦରଥାନା ଶାବଳଭଙ୍ଗା ଗ୍ରାମର ଅଲେଖ ବେହେରା। ପୋଲିସ୍ କହିଛି, ବଆଁରପାଳ ଅଞ୍ଚଳରେ ରହୁଥିବା ଜଣେ ନାବାଳିକାଙ୍କୁ ଶାବଳଭଙ୍ଗାର ପ୍ରଭାତ ବେହେରା ଅପହରଣ କରିଥିଲେ। ଏଥିରେ ଅଲେଖ ତାଙ୍କୁ ସହାୟତା କରିଥିଲେ। ଏ ନେଇ ଥାନାରେ ନଂ. ୩୬୩/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ପରେ ପୋଲିସ ଅଲେଖଙ୍କୁ ଗିରଫ କରିଛି।

# ଜେଲ ଗଲେ ସ୍ୱାମୀ, ଶ୍ୱଶୁର

**ଲକ୍ଷ୍ମୀପ୍ରିୟା ହତ୍ୟାକାଣ୍ଡ ମାମଲା**



ଲକ୍ଷ୍ମୀପ୍ରିୟା ପଟ୍ଟନାୟକ।

**ଢେଙ୍କାନାଳ ଅଫିସ, ୧୨।୪**

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଧୀନ ଝୁମ୍ପୁଡ଼ିଆ ଗ୍ରାମର ନବବଧୂ ଲକ୍ଷ୍ମୀପ୍ରିୟା ପଟ୍ଟନାୟକ (୨୧) ହତ୍ୟାକାଣ୍ଡ ମାମଲାରେ ବୁଧବାର ଅଭିଯୁକ୍ତ ସ୍ୱାମୀ ଦେବୀପ୍ରସାଦ ମହାନ୍ତି (୩୫) ଏବଂ ଶ୍ୱଶୁର ସଦାନନ୍ଦ ମହାନ୍ତି (୭୫)ଙ୍କୁ ପୋଲିସ ଗିରଫ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଫେରାର ଥିବା ତାଙ୍କ ଶାଶୁ ଏବଂ ନଣନ୍ଦ ଖୁବ୍‌ଶୀଘ୍ର ଗିରଫ ହେବେ ବୋଲି ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୧୧ରେ କଟକ ଜିଲା ଆଠଗଡ଼ ଥାନା ପୁରୁଣାପଟଣ୍ଡା ଗ୍ରାମର ପ୍ରଦୀପ ପଟ୍ଟନାୟକଙ୍କ ଝିଅ ଲକ୍ଷ୍ମୀପ୍ରିୟା ଝୁମ୍ପୁଡ଼ିଆ ଗ୍ରାମର ଦେବୀପ୍ରସାଦଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହ ପରେ ୨ ଲକ୍ଷ ଟଙ୍କା ଯୌତୁକ ଦାବିରେ ଶାଶୁଘରେ ଲକ୍ଷ୍ମୀପ୍ରିୟାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ଏପରି କି ଟଙ୍କା ନ ଆଣିଲେ ସ୍ୱାମୀ ତାଙ୍କ ସହ କୌଣସି ସମ୍ପର୍କ ରଖିବେ ନାହିଁ ବୋଲି କହୁଥିଲେ। ଏ ସମ୍ପର୍କରେ ଲକ୍ଷ୍ମୀପ୍ରିୟା ଘର ଲୋକଙ୍କୁ ଜଣାଇଥିଲେ। ତେବେ ବାପା ପ୍ରଦୀପଙ୍କ ପକ୍ଷେ ଏତେ ଟଙ୍କା ଦେବା ସମ୍ଭବପର ନ ଥିଲା। ଗତ ୬ ତାରିଖ ସନ୍ଧ୍ୟାରେ ଲକ୍ଷ୍ମୀପ୍ରିୟା ତାଙ୍କ ଘର ଲୋକଙ୍କ ସହ କଥା ହୋଇଥିଲେ। ଏହାର ଅଧଘଣ୍ଟା ପରେ ଭଉଣୀ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ନେଇ ତାଙ୍କ ଭାଇ ଶିବପ୍ରସାଦ ପଟ୍ଟନାୟକଙ୍କ ପାଖକୁ ଫୋନ ଆସିଥିଲା। ପରିବାର ଲୋକେ ପହଞ୍ଚି ତାଙ୍କୁ କଟକ ଜିଲା ଆଠଗଡ଼ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ବେକରେ କଳାଦାଗ ରହିଥିବାରୁ ତାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଥିଲେ। ଏ ନେଇ ଶିବପ୍ରସାଦ ଭାପୁର ଫାଣ୍ଡିରେ ଅଭିଯୋଗ କରିବା ପରେ ସଦର ଥାନାରେ ନଂ. ୨୯୦/୨୩ରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ବିବାହ ସମୟରେ ଲକ୍ଷ୍ମୀପ୍ରିୟାଙ୍କୁ ଦିଆଯାଇଥିବା ଯୌତୁକ ସାମଗ୍ରୀ ଗୁରୁବାର ବାପଘରକୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଡିପିଓ ପ୍ରଧାନ ସୂଚନା ଦେଇଛନ୍ତି।

**ଗୁଣିଗାରେଡ଼ି ଲିଙ୍କ୍ ଚର୍ଚ୍ଚାକୁ ଖଣ୍ଡନ**

ଲକ୍ଷ୍ମୀପ୍ରିୟା ହତ୍ୟାକାଣ୍ଡ ମାମଲାରେ ଗୁଡ଼ିଗାରେଡି ଲିଙ୍କ୍ ରହିଥିବା ଚର୍ଚ୍ଚା ଜୋର୍ ଧରିଛି। ତେବେ ଏହାକୁ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଅଭିଯୋଗକାରୀଙ୍କୁ ଏ ସମ୍ପର୍କରେ ପଚରାଉଚରା କରାଯାଇଛି। ତଦନ୍ତ ମଧ ହୋଇଛି। ତେବେ ହତ୍ୟାକାଣ୍ଡ ସହ ଗୁଣିଗାରେଡିର କୌଣସି ଲିଙ୍କ୍ ନ ଥିବା ଜଣାପଡ଼ିଛି।

# ସ୍ୱତନ୍ତ୍ରତା ବଜାୟ ରଖିଛି ଦଣ୍ଡନୃତ୍ୟ



ଗାଁ ଦାଣ୍ଡରେ ଧୂଳିଦଣ୍ଡ ପରିବେଷଣ କରାଯାଉଛି।

**ବଆଁରପାଳ, ୧୨।୪ (ଡି.ଏନ.ଏ.)**

- ଅନୁଗୋଳ ଜିଲାରେ ଆଜି ହେବ ଉଦ୍‌ଯାପନ
- ଆକର୍ଷଣ ସାଜିଲା ନାବକେଳି ରସ
- ଦର୍ଶକଙ୍କ ଦାବି ଅନୁଯାୟୀ ହେଉଛି ପରିବେଷଣ

ଅନୁଗୋଳ ଜିଲାରେ ଦଣ୍ଡନୃତ୍ୟ ପରମ୍ପରା ବେଶ୍ ପୁରାତନ। ଶୈବ ଧର୍ମ ଉପରେ ଏହା ସମ୍ପୂର୍ଣ୍ଣ ଆଧାରିତ। ଭଗବାନ ଶିବଙ୍କ ଉପାସନା ଏହି ନୃତ୍ୟର ବିଶେଷତ୍ୱ। କଠୋର ସାଧନା ମାଧ୍ୟମରେ ଆହାର, ନିଦ୍ରା ପରିତ୍ୟାଗ କରି ତଥା ଶିବଙ୍କ ନାମ ଉଚ୍ଚାରଣ କରି ଗ୍ରାମ ଗ୍ରାମ ବୁଲି ନୃତ୍ୟ ମାଧ୍ୟମରେ ଉପାସନା କରିବା ଏହାର ଲକ୍ଷ୍ୟ। ଦଣ୍ଡନୃତ୍ୟ ମାଧ୍ୟମରେ ମାନସିକ ପୂରଣ ହେଉଥିବା ଭକ୍ତମାନଙ୍କ ବିଶ୍ୱାସ ରହିଛି। ଯେଉଁମାନେ ମା' କାଳୀଙ୍କଠାରେ ମାନସିକ କରିଥାନ୍ତି, ସେମାନେ ଦଣ୍ଡନୃତ୍ୟରେ ନିଜକୁ ସାମିଲ କରିଥାନ୍ତି। ସେମାନଙ୍କୁ ଦଣ୍ଡୁଆ ବୋଲି କୁହାଯାଏ। ଅନୁଗୋଳ ଜିଲାରେ ଏହି ଦଣ୍ଡନୃତ୍ୟ ଏବେ ବି ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। କେଇବର୍ଷ ତଳୁ ଏଥିରେ ଆଧୁନିକତାର ପ୍ରବେଶ ଘଟିସାରିଥିଲେ ମଧ ଜିଲାର କୋଣ ଅନୁକୋଣରେ ଦଣ୍ଡ ନୃତ୍ୟ ଆଜି ମଧ ବେଶ୍ ଆଦୃତ ଲାଭ କରିପାରିଛି।

ପ୍ରତିବର୍ଷ ଏପ୍ରିଲ୍ ୧ରୁ ଅନୁଗୋଳ ଜିଲାରେ ଦଣ୍ଡ ଯାତ୍ରା ଆରମ୍ଭ ହୋଇଥାଏ। ମହାବିଷୁବ ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ମେରୁଯାତ୍ରା ପର୍ଯ୍ୟନ୍ତ ଏହି ଦଣ୍ଡଯାତ୍ରା ବେଶ୍ ଧୁମ୍‌ଧାମରେ ପାଳନ କରାଯାଏ। ଜିଲାର ଅଠମଲ୍ଲିକ, ତାଳଚେର, ଅନୁଗୋଳ, ବନ୍ତଳା, ହେମସରପଡ଼ା, ରନ୍ତଲେଇ, ଲୋକେଇପଶି, କାଙ୍ଗୁଲା, କୁଲାଡ଼, ଗିରାଙ୍ଗ, ସନ୍ତ୍ରୀ, ବଳରାମପ୍ରସାଦ, ନୂଆହତା, ନୂଆସାହି ସମେତ ବହୁ ଅଞ୍ଚଳରେ ଦଣ୍ଡ ନୃତ୍ୟ ଦଳ ରହିଛନ୍ତି। ଚଳିତବର୍ଷ ଏହି ଦଣ୍ଡଯାତ୍ରାକୁ ନେଇ ବିଭିନ୍ନ ଗ୍ରାମ ଉତ୍ସବମୁଖର ହୋଇପଡ଼ିଥିଲା। ବିଶେଷକରି ଦଣ୍ଡୁଆମାନେ ଗ୍ରାମ ପରିକ୍ରମା କରିବା ବେଳେ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ ଓ ସହଯୋଗ କରୁଥିବା ଦେଖାଯାଇଥିଲା। ୧୩ ତାରିଖ ଗୁରୁବାର ମେରୁଯାତ୍ରା ତଥା ଦଣ୍ଡ ଉଦ୍‌ଯାପନ ହେବାକୁ ଥିବାରୁ ଏହାକୁ ନେଇ ଉତ୍ସାହ ଅଧିକ ବଢ଼ିଯାଇଛି।

### ଦଣ୍ଡନୃତ୍ୟ ପ୍ରକାରଭେଦ

ଦଣ୍ଡନୃତ୍ୟ ସାଧାରଣତଃ ୩ ପ୍ରକାରର। ଏହା ଧୂଳି ଦଣ୍ଡ, ପାଣି ଦଣ୍ଡ ଓ ଅଗ୍ନି ଦଣ୍ଡ ଭାବେ ପରିଚିତ। ଗାଁ ଦାଣ୍ଡରେ ପ୍ରବଳ ରୌଦ୍ରତାପ ସତ୍ତ୍ୱେ ଦଣ୍ଡୁଆମାନେ ଧୂଳି ଦଣ୍ଡ କରିଥାନ୍ତି। ଏହାପରେ ଜଳାଶୟକୁ ଯାଇ ପାଣି ଦଣ୍ଡ ସମାପନ କରିଥାନ୍ତି। ପରେ ଦଣ୍ଡୁଆମାନେ ଅଗ୍ନି ଦଣ୍ଡ ଧରି ଢୋଲ ମହୁରୀ ସହିତ ଗାଁ ଅଭିମୁଖେ ବାହାରି ପଡ଼ନ୍ତି। ରାତିସାରା ସେଠାରେ ଦଣ୍ଡ ନୃତ୍ୟ ପରିବେଷଣ କରିଥାନ୍ତି।

### ଦେଖିବାକୁ ମିଳୁନି ସମ୍ପୂର୍ଣ୍ଣ ସୁଆଙ୍ଗ

ପର୍ଭା-ପର୍ଭାଣୀ, ହାଡ଼ି-ହାଡ଼ିଆଣୀ, ଶିବ-ପାର୍ବତୀ, ଚଢ଼େୟା-ଚଢେୟାଣୀ, ପତ୍ରସାଉରା- ସୌରାଣୀ, କେଳା-କେଲୁଣୀ, ଶବର-ଶବରଣୀ ଆଦି ୧୩ଟି ସୁଆଙ୍ଗକୁ ନେଇ ଦଣ୍ଡ ନୃତ୍ୟ ହୋଇଥାଏ। ହେଲେ ବର୍ତ୍ତମାନ ଚଢ଼େୟା-ଚଢେୟାଣୀ, ଭାଲୁ-ଭାଲୁଆଣୀ ଓ କନ୍ଧ-କନ୍ଧୁଣୀ ଆଦି କେତେକ ସୁଆଙ୍ଗ ଆଉ ଦେଖାଯାଉନାହିଁ। ତେବେ ବହୁ ଦଣ୍ଡ ଅନୁଷ୍ଠାନରେ ନାବକେଳି ରସ ଦେଖିବାକୁ ମିଳୁଛି। ରାଧାଙ୍କ ଅଷ୍ଟସଖୀ ଯମୁନା ନଦୀ ପାର ହେବା ପାଇଁ ଧୀବରଙ୍କୁ ଡାକୁଛନ୍ତି। ପ୍ରଭୁ ଶ୍ରୀକୃଷ୍ଣ ଧୀବର ବେଶରେ ଆସି କେଳି କରୁଥିବା ଦୃଶ୍ୟ ଏଥିରେ ଦେଖିବାକୁ ମିଳୁଛି। ଏହି ନାବକେଳି ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଛି।

### ଆଧୁନିକତାର ପ୍ରବେଶ

ଜିଲାର ବିଭିନ୍ନ ଅଞ୍ଚଳରେ ଦଣ୍ଡନୃତ୍ୟ ଦଳ ରହିଛନ୍ତି। ପୂର୍ବରୁ ପୌରାଣିକ ଢାଞ୍ଚାରେ ନୃତ୍ୟ କରାଯାଉଥିବା ବେଳେ ଏବେ ସେଥିରେ ଆଧୁନିକତାର ପ୍ରବେଶ ଘଟିଛି। ଗୀତ ପରିବେଷଣ ବେଳେ ସ୍ୱରରେ ଆଧୁନିକତା ବାରି ହୋଇପଡୁଛି। କଳାକାରମାନେ ନୃତ୍ୟ ପରିବେଷଣ କରିବା ବେଳେ ବହୁ କିଛି ବଦଳିଯାଇଥିବା ଲକ୍ଷ୍ୟ କରାଯାଉଛି। ଏପରି କି ପେଣ୍ଡାଲ ଓ ଆଲୋକ ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଫଳରେ ଦର୍ଶକଙ୍କୁ ଏହା ଅପେରା ପରିବେଷଣ ପରି ଦୃଦ୍‌ବୋଧ ହେଉଛି।

**ବହୁ ପରିବର୍ତ୍ତନ ଘଟିଛି**



ପୂର୍ବାପେକ୍ଷା ଦଣ୍ଡନୃତ୍ୟରେ ବହୁ ପରିବର୍ତ୍ତନ ଘଟିଛି। ପାରମ୍ପରିକ ତଥା ପୁରୁଣା ଶୈଳୀରେ ନୃତ୍ୟ, ଗୀତ ଆଉ ଦେଖିବାକୁ ମିଳୁନି। ଦର୍ଶକମାନଙ୍କ ଦାବି ତଥା ରୁଚି ଅନୁଯାଇ ଆଧୁନିକ ଢାଞ୍ଚାରେ ନୃତ୍ୟ ପାରିବେଷଣ କରାଯାଉଛି।

-ବାମଦେବ ସେଠ, ଦଣ୍ଡ କଳାକାର, କୁଲାଡ଼

**ପୁରୁଣା ଶୈଳୀରେ ମାଧୁର୍ଯ୍ୟ ରହିବ**



ଦଣ୍ଡ ନୃତ୍ୟର ଉନ୍ନତି ପାଇଁ ଉତ୍କଳୀୟ ଦଣ୍ଡ ସାଂସ୍କୃତିକ ମହାସଂଘ ଗଠନ କରାଯାଇଛି। ତେବେ ଆଧୁନିକତାରୁ ଦୂରେଇବା ସହ ଦଣ୍ଡୁଆମାନେ ପୁରୁଣା ଶୈଳୀକୁ ଆଦରି ନେଲେ ନୃତ୍ୟରେ ମାଧୁର୍ଯ୍ୟ ରହିବ।

-ବାଉରୀବନ୍ଧୁ ସାହୁ, ଦଣ୍ଡ ବିଚାରକ

**ଯୁବପିଢ଼ିଙ୍କ ପାଇଁ ଢାଞ୍ଚା ବଦଳିଛି**



ବର୍ତ୍ତମାନ ଆଧୁନିକ ଯୁଗରେ ଯୁବପିଢ଼ିଙ୍କ ଚାହିଦା ଓ ଦାବିକୁ ଦୃଷ୍ଟିରେ ରଖି ଦଣ୍ଡ ନୃତ୍ୟ ଗୀତରେ ପରିବର୍ତ୍ତନ କରାଯାଇଛି। ୧୩ଟି ସୁଆଙ୍ଗରୁ କେତୋଟି ଆଉ ପରିବେଷଣ କରାଯାଉ ନାହିଁ। ତେବେ ନାବକେଳି ବହୁ ଆଦୃତିଲାଭ କରିଛି।

-ରମେଶ ଗଡ଼ନାୟକ, ଦଣ୍ଡ କଳାକାର

